## ସଂକ୍ଷେପରେ

### ଜଳିଗଲା ଟେଲିଫୋନ ଟାୱାର

ମାଲକାନଗିରି,୭।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହୁକୁମାସ୍ଥିତ କୁମୁଟିଗୁଡ଼ା ସାହିରେ ଥିବା ଏୟାରଟେଲ କମ୍ପାନୀର ଏକ ଟାୱାର ଗୁରୁବାର ଶର୍ଟ ସର୍କିଟ୍ ହେତୁ ପୋଡ଼ି ଯାଇଛି । ଫଳରେ କିଛି ସମୟ ପାଇଁ ମାଲକାନଗିରି ସହରରେ ମୋବାଇଲ ସେବା ବାଧାପ୍ରାପ୍ତ ହୋଇଥିଲା । ଖବର ପାଇଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୧୫ ଲକ୍ଷ ଟଙ୍କାର ସରଞ୍ଜାମ ନଷ୍ଟ ହୋଇଛି । ତେବେ ଟାୱାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

### ଶିକ୍ଷକ ସଂଘ ଦିବସ ପାଳିତ

ବୈପାରିଗୁଡା ,୭।୧ (ଡି.ଏନ୍.ଏ.)- ବୈପାରିଗୁଡା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ୬୭ତମ ସଂଘ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ରାଉତ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷକ ସଂଘ ସଭାପତି ଚିତାରାମ ବାରିକ,ଉପସଭାପତି ଶ୍ରୀଧର ରାଓ, ସମ୍ପାଦକ ସୁରେନ୍ଦ୍ର ଖରାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୦ରେ ଅବସର ନେଇଥିବା ୧୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବ୍ଲକ ସଂଯୋଜକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

### ପୁରୁଣା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଜବତ

ଉମରକୋଟ, ୭।୧(ସ୍ୱ.ପ୍ର.)- ଉମରକୋଟ ପୋଲିସ ପୁରୁଣା ବସଷ୍ଟାଣ୍ଡ ନିକଟ ପୁରୁଣା ବ୍ୟାଙ୍କ ରୋଡରୁ ୬୧ କିଲୋ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଉମରକୋଟ ପୋଲିସ ଅଧିକାରୀ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ସକାଳ ୪ ଟା ସମୟରେ କେହି ଜଣେ ପୋଲିସ୍ ଉପଖଣ୍ଡ ଅଧିକାରୀ ହେମନ୍ତ କୁମାର ପାଢ଼ୀଙ୍କୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ଜଣାଇଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଗଞ୍ଜେଇ ଚାଲାଣ କାରି ସେଠାରୁ ପଳାଇଥିଲେ। ପୋଲିସ ୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଉମରକୋଟ ପୋଲିସ ଏସ୍‌ଡିପିଓ ହେମନ୍ତ କୁମାର ପାଢୀ କହିଛନ୍ତି।

### ପୃଥକ୍ ସ୍ଥାନରେ ୨ଟି ଆତ୍ମହତ୍ୟା

ଝରିଗାଁ, ୭।୧(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ପୃଥକ ସ୍ଥାନରେ ଦୁଇଜଣ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପାଲିଆ ପଞ୍ଚାୟତ ରାମସା ଗ୍ରାମର ସୁବାସ ପୂଜାରୀଙ୍କ ସ୍ତ୍ରୀ ତୁଳାବତୀ(୩୦) ଓ ଚିତବେଡା ପାଞ୍ଚାୟତ ମନୁଗୁଡା ଗ୍ରାମର ପଦନାମ ଭତରା(୨୭)। ପ୍ରକାଶ ଯେ, ତୁଳାବତୀ ପ୍ରାୟ ଏକ ମାସ ହେବ ନିଜର ଦେଢ ମାସର ଛୁଆକୁ ଛାଡି ପାଗେଳି ଭଳି ବୁଲୁଥିଲେ। ଗୁରୁବାର ଭୋରରୁ ସେ ଘରୁ କେଉଁଆଡେ ପଳାଇଥିଲେ। ଏହାର ପ୍ରାୟ ୨ ଘଣ୍ଟା ପରେ ଗାଁ ନିକଟସ୍ଥ ନାଳ ନିକଟ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାମୀ ସୁବାସ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଚିତବେଡା ପାଞ୍ଚାୟତ ମନୁଗୁଡା ଗ୍ରାମର ପଦନାମ ଭତରା(୨୭) ମାନସିକ ବିକୃତ ରୋଗରେ ଆକ୍ରାନ୍ତ ଥିଲେ। ଗୁରୁବାର ସକାଳେ ସେ ଘରୁ ଚାଲି ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ଝୁଲନ୍ତା ମୃତଦେହ ଭେଲୁଆବାଡ଼ଠାରେ ମିଳିଥିଲା। ମୃତକଙ୍କ ଦାଦା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଦୁଇଟିର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ଉମେଶ ସାହୁ କହିଛନ୍ତି।

### ଘାଟିରେ ଟ୍ରକ୍ ଓଲଟି ୬ ଆହତ

ଝରିଗାଁ/ ଚନ୍ଦାହାଣ୍ଡି, ୭।୧(ସ୍ୱ.ପ୍ର. /ଡି.ଏନ୍.ଏ)- ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଗୁରୁବାର ଏକ ଟ୍ରକ ଦୁର୍ଘଟଣା ଘଟିଛି। ଗାଡି ଡ୍ରାଇଭର ସଞ୍ଜୟ ଢାଲି(୪୭)ଙ୍କ ସମେତ ଶ୍ରମିକ କାର୍ତ୍ତିକ ବାଘେଲ(୨୫), ବୁଦ୍ଧୁରାମ ନେତାମ(୨୬), ସୁନିଲ ନେତାମ(୨୪), ଜାଡେଶ ମାରକାମ(୧୯) ଓ ଆସୁଲାଲ(୩୫) ଆହତ ହୋଇଛନ୍ତି। ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଟ୍ରକ୍(ସିଜି-୧୭ଏଚ୍-୦୯୭୧) ଚନ୍ଦାହାଣ୍ଡି ଅଭିମୁଖେ ଯିବା ସମୟରେ ବ୍ରେକ୍‌ଫେଲ ହୋଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭରଙ୍କ ସମେତ ଶ୍ରମିକମାନେ ଆହତ ହୋଇଥିଲେ। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆସୁଲାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଝରିଗାଁ ଥାନା ଅଧିକାରୀ ଉମେଶ ସାହୁ, ଏସ୍‌ଆଇ ସନ୍ତୋଷ କୁମାର ମାଝି ଘଟଣାର ତଦନ୍ତ କରୁଛନ୍ତି।

# ଜମିର ଉଚିତ ମୂଲ୍ୟ, ପରିବାରର ଜଣଙ୍କୁ ଚାକିରି ଦାବି

■ଜୟପୁର- ନବରଙ୍ଗପୁର ରେଳ ପ୍ରକଳ୍ପ ନେଇ ଜନଶୁଣାଣି
■ପ୍ରଭାବିତ ହେବ ୭୨୫ ପରିବାରର ୭୩୨.୩୩୫ ଏକର ଜମି

ଜୟପୁର, ୭।୧ ( ନି.ପ୍ର.)


ଜନଶୁଣାଣିରେ ଉପସ୍ଥିତ ଗ୍ରାମବାସୀ।

ଜୟପୁର ବ୍ଲକ ଆମ୍ବାଗୁଡା ପଞ୍ଚାୟତରେ ଗୁରୁବାର ଜୟପୁର- ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି ହୋଇଛି । କୋରାପୁଟ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଶୁଣାଣିରେ ଜମି ସମ୍ପର୍କରେ ଗ୍ରୀନ୍‌ଇଣ୍ଡିଆ ସାମାଜିକ ଓ ଅର୍ଥନୈତିକ ପ୍ରଭାବ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲା। ଜୟପୁର ବ୍ଲକ ଆମ୍ବାଗୁଡା ପଞ୍ଚାୟତର ମଜ୍ଜୁରୁମୁଣ୍ଡା ଓ ଆମ୍ବାଗୁଡା, ଧନପୁର ପଞ୍ଚାୟତର ବଡକାଉଡି, ଏକମ୍ବା ଗ୍ରାମରେ ଜମି ଅଧିଗ୍ରହଣ ହେଉଛି । ଉକ୍ତ ଅଞ୍ଚଳର ଜମି ମାଲିକ ଉପସ୍ଥିତ ରହି ଜମିର ଉଚିତ ଦାମ୍ ଦେବା ସହ ପରିବାରର ଜଣକୁ ଚାକିରି ଦେବାକୁ ଦାବି ରଖିଥିଲେ । ଏକମ୍ବା ଗ୍ରାମର ୨୬.୭୫୭ ଏକର, ବଡକାଉଡିର ୨୪.୭୨୫ ଏକର, ମଜ୍ଜୁରୁମୁଣ୍ଡାରେ ୯.୦୫୦ ଏକର, ଆମ୍ବାଗୁଡାର ୩୧.୧୦୨ ଏକର ଜମି ଅଧିଗ୍ରହଣ ହେବ। ଜମି ଅଧିଗ୍ରହଣ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ପ୍ରଭାବ ନିର୍ଦ୍ଧାରଣ ସମ୍ପର୍କରେ କୌଣସି ସଂସ୍ଥା ଗସ୍ତ କରି ନ ଥିବା ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ନ ଥିବା ଜମିମାଲିକମାନେ ଅଭିଯୋଗ କରିଥିଲେ । ଜୟପୁର- ନବରଙ୍ଗପୁର ପାଇଁ ୪୧ କି.ମି. ରେଳପଥ ନିର୍ମାଣ ହେବ । ଏହା ଜୟପୁର ତହସିଲ ଅଞ୍ଚଳର ୭ଟି ଗ୍ରାମ ଓ ବୋରିଗୁମ୍ମା ତହସିଲ ଅଞ୍ଚଳର ୧୩ଟି ଗ୍ରାମ ଦେଇଯିବ । ଏହି ପ୍ରକଳ୍ପ ପାଇଁ ମୋଟ ୧୨୨୫.୦୬୪ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପ୍ରଭାବିତ ହେବ। ସେଥିରୁ ୭୩୨.୩୩୫ ଏକର ଜମି ଅଧିକୃତ ହେବ । ଜୟପୁର ବ୍ଲକର ଆମ୍ବାଗୁଡା ଗ୍ରାମର ୩୬ ପରିବାରର ୩୧.୧୦୨ ଏକର, ବଡକାଉଡି ଗ୍ରାମର ୩୨ ପରିବାରର ୨୪.୭୨୫ ଏକର, ଏକମ୍ବା ଗ୍ରାମର ୨୭ଟି ପରିବାରର ୨୬.୭୫୭ ଏକର, ହଡପାର ୧୦ଟି ପରିବାରର ୬.୪୨୬ ଏକର, ହରିଡାପୁଟର ୩୮ ପରିବାରର ୩୩.୩୪୯ ଏକର, ଜୟନ୍ତିଗିରି ଗ୍ରାମର ୧୦୯ ପରିବାର ୧୧୧.୭୩୮ ଏକର, ମଜ୍ଜୁରୁମୁଣ୍ଡା ଗ୍ରାମର ୬ଟି ପରିବାରର ୯.୦୫୦ ଏକର ଜମି ଅଧିଗ୍ରହଣ ହେବ । ସେହିପରି ବୋରିଗୁମ୍ମା ବ୍ଲକ ଅଞ୍ଚଳା ଗ୍ରାମର ୩୭ ପରିବାରର ୨୨.୬୩୮ ଏକର ଜମି, ଆଉଁଳି ଗ୍ରାମର ୪୯ ପରିବାରର ୧୯.୪୩୮ ଏକର, ବରା ଗାଁର ୧୫ ପରିବାରର ୧୨.୩୧୭ ଏକର, ବୋରିଗୁମ୍ମାର ୧୨୧ ପରିବାରର ୨୦୮.୨୦୮, ଦୁଲାଗୁଡା ଗ୍ରାମର ୪୬ ପରିବାରର ୨୪.୬୧୬ ଏକର, ଝିଲିମିଲି ଗ୍ରାମର ୧୮ ପରିବାର ୨୯.୬୫୬ ଏକର, କାଳିଆଗୁଡା ଗ୍ରାମର ୨୪ ପରିବାରର ୬୧.୯୮୪ ଏକର, କାମରା ଗ୍ରାମର ୪୨ ପରିବାରର ୧୫.୨୩୭ ଏକର, କନେଇଯୁବା ଗ୍ରାମର ୨୬ ପରିବାରର ୧୯.୭୩୦ ଏକର, ଖୁଡିଗୁଡା ଗ୍ରାମର ୪ଟି ପରିବାର ୪.୮୮୦ ଏକର, କୁନ୍ଦ୍ରାଗୁଡାର ୧୮ଟି ପରିବାରର ୧୮.୭୮୯ ଏକର ମଝିଆ ଗ୍ରାମର ୩୨ ପରିବାର ୨୭.୦୮୬ ଏକର, ପଲ୍ଲି ଗ୍ରାମର ୩୫ଟି ପରିବାର ୨୪.୬୦୯ ଏକର ଜମି ଅଧିଗ୍ରହଣ ହେବ । ସମୁଦାୟ ୭୨୫ ପରିବାରର ମୋଟ ୭୩୨.୩୩୫ ଏକର ଜମି ପ୍ରଭାବିତ ହେବ । ୧୩ରେ ଜୟନ୍ତିଗିରି ପଞ୍ଚାୟତ ପାଇଁ ଜନଶୁଣାଣି ହେବାକୁ ଥିବା ବେଳେ ୧୬ରେ ବୋରିଗୁମ୍ମା ତହସିଲ ଅଞ୍ଚଳର ବୋରିଗୁମ୍ମା ପଞ୍ଚାୟତ, ୨୦ରେ କାମରା, ୨୨ରେ ଜୁଝାରି ଗ୍ରାମରେ ଜନଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି। ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ଦେବନ କୁମାର ପ୍ରଧାନ, ଜୟପୁର ଉପଜିଲାପାଳ ହେମକାନ୍ତ ସୟ, ଜୟପୁର ତହସିଲଦାର ପ୍ରଧାନ ଚୁଲ୍ଲି ଆମ୍ବା, ଭୂ-ଅର୍ଜନ ଅଧିକାରୀ ସାଗରିକା ଷଡଙ୍ଗୀ,ଏଆର୍‌ଏ ସୁକୁମାର ସାହୁ, ଆମ୍ବାଗୁଡା ସରପଞ୍ଚ ଦିନୁ ହିକ୍କା, ରେଳ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଡି .ଗୋପାଳଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଲକ୍ଷେ ଟଙ୍କା, ୩୮ ଗ୍ରାମ ସୁନା ଅଳଙ୍କାର ଚୋରି**

ରାୟଗଡ଼ା ଅଫିସ,୭।୧-

କେହି ନ ଥିବାର ସୁଯୋଗ ନେଇ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ରାୟଗଡ଼ା ଟାଉନ ଥାନା ଅଧୀନ ଗୌତମନଗର ୬ଷ୍ଠ ଲାଇନସ୍ଥିତ ଲିଙ୍ଗରାଜ ଲେଙ୍କାଙ୍କ ଘରେ କେହି ଦୁର୍ବୃତ୍ତ ପଶି ଲକ୍ଷେ ଟଙ୍କା ଏବଂ ୩୮ଗ୍ରାମ୍ ସୁନା ଅଳଙ୍କାର ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଲିଙ୍ଗରାଜ ଜେଜେବାପାଙ୍କ ମୃତ୍ୟୁ ଖବର ପାଇ ଡିସେମ୍ବର ୨୮ରେ ପୁରୀ ଜିଲା ଅସ୍ତରଙ୍ଗ ଗ୍ରାମକୁ ଯାଇଥିଲେ। ଗୁରୁବାର ଗାଁରୁ ଫେରିବା ପରେ ଘରୁ ବଡ଼ଧରଣର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘର କବାଟ ଭାଙ୍ଗି ଶେଯ ତଳେ ଥିବା ୩୩ ଗ୍ରାମ୍‌ର ସୁନାହାର ଏବଂ ଆଲମିରା ଭାଙ୍ଗି ୫ ଗ୍ରାମ୍‌ର ସୁନା କାନଫୁଲ ଏବଂ ୧ ଲକ୍ଷ ଟଙ୍କା ଚୋରିକରି ନେଇଥିବା ଜଣାପଡ଼ିଛି। ଏ ନେଇ ଲିଙ୍ଗରାଜଙ୍କ ପୁଅ ଆଶିଷ ଟାଉନ୍ ଥାନାରେ ଲିଖିତ ଅଗିଯୋଗ କରିଛନ୍ତି। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ତପନ ନାରାୟଣ ରଥ, ଟାଉନ୍ ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ, ଏସ୍‌ଆଇ ମାନସ ସାହୁଙ୍କ ସମେତ ପୋଲିସ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ମୀନାଝୋଲାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ପ୍ରସ୍ତାବ ରଖାଯିବ


ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୀନାଝୋଲା ଅଞ୍ଚଳ ବୁଲି ଦେଖୁଛନ୍ତି ।

ଚନ୍ଦ୍ରପୁର,୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତରେ ରହିଛି ପ୍ରସିଦ୍ଧ ଶୈବପୀଠ ମୀନାଝୋଲା। ଚିରସ୍ରୋତା ବଂଶଧାରା, ଫଳଫଳିଆ, ଚାଉଳଧୁଆ ନଦୀର ସଙ୍ଗମସ୍ଥଳ ହେଉଛି ମୀନାଝୋଲା। ତେଣୁ ଏହା ତ୍ରିବେଣୀ ସଙ୍ଗମର ଭ୍ରମ ସୃଷ୍ଟି କରିଥାଏ। ନବ ବର୍ଷ ଏବଂ ଶିବରାତ୍ରିରେ ଏହି ପୁରାତନ ଶୈବପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ କର୍ମୀ ଏବଂ ଶୁଭେଚ୍ଛୁଙ୍କ ସହିତ ଏଠାକୁ ଆସି ଶିବଲିଙ୍ଗ ଦର୍ଶନ କରିବା ସହ ଏହା ପରିସରରେ ସିମେଣ୍ଟ କଂକ୍ରିଟରେ ନିର୍ମିତ ବିରାଟ ବୃଷଭ ମୂର୍ତ୍ତିକୁ ବୁଲି ଦେଖିଥିଲେ। ପରେ ଏଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ବ୍ଲକ୍‌ର ଦଳୀୟ କର୍ମୀ ଯାମି ଗୁରୁନାଥ, ପ୍ରମୋଦ ସାହୁକାର, ଚିତ୍ତରଞ୍ଜନ ନାଲା, ସରପଞ୍ଚ କାଉମୁନି, ସୁବାସ ମାଝି, ଉପେନ୍ଦ୍ର ଦିବାକା, ଟାଙ୍ଗଡ଼ା ଦିବାକାଙ୍କ ସମେତ ଅନ୍ୟ କର୍ମୀ ଶୁଭେଚ୍ଛୁ ସାମିଲ ଥିଲେ। ଏହି ଅବସରରେ ମୀନାଝୋଲାର ବିକାଶ ଏବଂ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ବିଷୟରେ ପଚାରିବାରୁ ବିଧାୟକ କହିଛନ୍ତି, ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଆଲୋଚନା କରି ପ୍ରଶାସନିକ କ୍ଷେତ୍ରରେ ଏ ନେଇ ପ୍ରସ୍ତାବ ରଖାଯିବ। ଏଥିସହ ବିଧାୟକ ପାଣ୍ଠିରୁ ମଧ ଆର୍ଥିକ ସହାୟତା ଦିଆଯାଇଥିବା ସେ କହିଥିଲେ।

# ଓପିଟିସିଏଲ୍ ଛଟେଇ କର୍ମଚାରୀଙ୍କ ବିକ୍ଷୋଭ

ଜୟପୁର,୭।୧(ନି.ପ୍ର.)


କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଓପିଟିସିଏଲର ଛଟେଇ ଯୋଗୁ କାର୍ଯ୍ୟ ହରେଇ ଥିବା ଠିକା ସିକ୍ୟୁରିଟି ଗାର୍ଡମାନେ ଗୁରୁବାର ସ୍ଥାନୀୟ ଶ୍ରମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେପ୍ଟେମ୍ବର ୧ରୁ ଛଟେଇର ଶିକାର ହୋଇ ସେମାନେ ନ୍ୟାୟ ଆଶାରେ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସେପ୍ଟେମ୍ବର ୨୨ରେ ଏକ ମିଳିତ ବେଠକ ହୋଇଥିଲା । ଏଥିରୁ କେଣସି ସମାଧାନର ବାଟ ନ ବାହାରିବା ପରେ ଗୁରୁବାର ଶ୍ରମ କାର୍ଯ୍ୟାଳୟରେ ଓପିଟିସିଏଲ ଏମଡି ବିଧାନଚନ୍ଦ୍ର ପଣ୍ଡା ଓ ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବୈଠକ ବସି ଗୁରୁବାର ଆଲୋଚନା ହୋଇଥିଲା। ସିକ୍ୟୁରିଟି ଗାର୍ଡମାନେ କାମ ଦେବା ନଚେତ ବକେୟା ପାଉଣା ଦେବା ପାଇଁ ଦାବି କରିଥିଲେ। ମାତ୍ର ପଣ୍ଡା ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ନିଯୁକ୍ତି ଦେବାକୁ କହିଥିଲେ । ଯଦି ବୋନସ ଓ ଛୁଟି ଦରମା ସହ ସମସ୍ତ ଶ୍ରମିକଙ୍କୁ ନିଯୁକ୍ତି ନ ମିଳେ ତେବେ ଆଗାମୀ ଦିନରେ ଓପିଟିସିଏଲ କାର୍ଯ୍ୟାଳୟ ସହ ଠିକାଦାରଙ୍କୁ ମଧ ଘେରାଉ କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ଓପିଟିସିଏଲର ପାଚେରି ନିର୍ମାଣ ହୋଇନଥିଲା କି ସିସିଟିଭି ଲାଗି ନ ଥିଲା । ଫଳରେ ଅଧିକ ସଂଖ୍ୟକ ସିକ୍ୟୁରିଟି ଓ କର୍ମଚାରୀଙ୍କ ଆବଶ୍ୟକତା ଥିଲା। ବର୍ତ୍ତମାନ କର୍ମଚାରୀଙ୍କ ଅଭାବ ନ ଥିବାରୁ ଛଟେଇ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଉଛି। ଏଥିରେ କେଣସି ଅନିୟମିତତା ହୋଇନାହିଁ ବୋଲି ପଣ୍ଡା କହିଥିଲେ।

### ଦୁର୍ଘଟଣାରେ ମହିଳା ମୃତ

ଡାବୁଗାଁ, ୭।୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା-ବଦଲିଗୁଡା ମୁଖ୍ୟ ରାସ୍ତାରେ ବୁଧବାର ରାତ୍ରିରେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ବଦଲିଗୁଡା ଗ୍ରାମର ଚମ୍ପା ବିନ୍ଧାଣି (୫୫)। ପ୍ରକାଶ ଯେ, ଚମ୍ପା ରାତି ପ୍ରାୟ ୮ଟାରୁ ୯ଟା ମଧ୍ୟରେ ମେଦନା-ବଦଲିଗୁଡା ରାସ୍ତା ଦେଇ ଗାଁକୁ ଫେରୁଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। କିଛି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଚମ୍ପାଙ୍କୁ ଦେଖି ତାଙ୍କ ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସରେ ଚମ୍ପାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ୱାମୀ ଚୈତନ ବିନ୍ଧାଣୀ ଗୁରୁବାର ସକାଳେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତିକରି ଥାନା ସବ୍‌ଇନ୍ସପେକ୍ଟର ଚନ୍ଦ୍ରଭାନୁ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨/ ୨୦୨୧ରେ ଏକ ମାମଲା ରୁଜୁକରାଯାଇଛି।

# ଏସ୍‌ପି ଅଫିସ ଘେରିଲା ଭାଜପା

ନବରଙ୍ଗପୁର,୭।୧(ବି.ପ୍ର.)

ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳଙ୍କ ହତ୍ୟାକୁ ବିରୋଧ କରି ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଜୋରଦାର ପ୍ରତିବାଦ କରାଯାଉଛି। ଏହି କ୍ରମରେ ଗୁରୁବାର ନବରଙ୍ଗପୁର ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା ଏସ୍‌ପି ଅଫିସ ଘେରାଉ କରିଥିଲା । ଏହି ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ କରି ଭାଜପା ତାଙ୍କ ଇସ୍ତଫା ଦାବି କରିଛି। ଆଗରୁ ଅନ୍ୟ ରାଜ୍ୟରେ ଏଭଳି ହତ୍ୟାକାଣ୍ଡ ଘଟୁଥିବାବେଳେ ବର୍ତ୍ତମାନ ଓଡ଼ିଶାରେ ମଧ ଏତାଦୃଶ ଘଟଣା ଦେଖିବାକୁ ମିଳିଛି।

ତେଣୁ, ଆଇନ ମନ୍ତ୍ରୀଙ୍କ ବିରୋଧରେ ରାଜ୍ୟ ସରକାର ଯଦି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତା'ହେଲେ ଆଗାମୀ ଦିନରେ ରାସ୍ତାରୋକୋ ଏବଂ ଚକ ଅଖ ବନ୍ଦ ରହିବ ବୋଲି ଯୁବ ନେତା ମାନସ ରଞ୍ଜନ କହିଛନ୍ତି। ଏଥିସହ ଏହି ଘଟଣାକୁ ନେଇ ଭାଜପା ଚୁପ ବସିବ ନାହିଁ ବୋଲି ମଧ ସେ ପ୍ରତିକ୍ରିୟା ରଖିଛନ୍ତି।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା ନେତା ଓ କର୍ମୀମାନେ।

### ନାବାଳକଙ୍କ ଆତ୍ମହତ୍ୟା

କୋଷାଗୁମୁଡ଼ା, ୭।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବଡ଼ ଆମ୍ବଡ଼ା ଗ୍ରାମର ଜଣେ ନାବାଳକ ଗୁରୁବାର ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗାଁର ବିଜୁ ମୂରିଆ । ପ୍ରକାଶ ଯେ, ବିଜୁ ଗୁରୁବାର ନିଜ ମା'ଙ୍କୁ ଜଗଦଲପୁରରେ ଛାଡି ଘରକୁ ଫେରିଥିଲେ। ମଧ୍ୟାହ୍ନରେ ସେ ଘର କବାଟ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ତାଙ୍କ ବାପା ଘର କବାଟ ଖୋଲିଲା ବେଳକୁ ବିଜୁଙ୍କୁ ଝୁଲନ୍ତା ଅବସ୍ଥାରେ ଛଟପଟ ହେଉଥିବା ଦେଖିଥିଲେ। ସେ ତାଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ କୋଷାଗୁମୁଡ଼ା ଥାନାରେ ୧/୨୦ରେ ମାମଲା ରୁଜୁ କରାଯାଇଛି।

# ଲକ୍ଷାଧିକ ଟଙ୍କାର କାଠ ଜବତ, ୨ ଗିରଫ


ଜବତ ପଟ୍ଟା ଓ ଗିରଫ ୨ ଅଭିଯୁକ୍ତ।

ମାଲକାନଗିରି,୭।୧। (ସ୍ୱ.ପ୍ର./ଡି.ଏନ.ଏ.)

ମାଲକାନଗିରି ବନାଞ୍ଚଳ କର୍ମଚାରୀ ଗୁରୁବାର ଏକ ବୋଲେରୋରେ ଏମ୍‌ଭି-୨୪ ଗ୍ରାମରୁ ମାଲକାନଗିରି ଅଭିମୁଖେ ଯାଉଥିବା କାଠ ଓ ପଟ୍ଟାକୁ ଥିବା ବୁଧବାର ବିଳମ୍ବିତ ରାତିରେ ଚଢାଉକରି ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏମ୍‌ଭି-୭ ଗ୍ରାମର କ୍ରିଷ୍ଣା ସମଦାର (୩୩) ଏବଂ ଏମ୍‌ଭି-୪୧ ଗ୍ରାମର ବିପୁଲ ଚକ୍ରବର୍ତ୍ତୀ(୩୭)। ବୋଲେରୋରେ ଚୋରା କାଠ ଚାଲାଣ ହେଉଥିବା ଖବର ପାଇ ବିଭାଗୀୟ କର୍ମଚାରୀମାନେ ଏମ୍‌ଭି-୧୨ ଗ୍ରାମ ନିକଟରେ ଜଗି ରହିଥିଲେ। ଜବତ ହୋଇଥିବା ୪୦ ଖଣ୍ଡ ପଟ୍ଟାର ମୂଲ୍ୟ ୧ଲକ୍ଷରୁ ଅଧିକ ହେବ ବୋଲି ମାଲକାନଗିରି ବନାଞ୍ଚଳ ଅଧିକାରୀ କହିଛନ୍ତି। କାଠ ସହ ବୋଲେରୋ, ଏକ ବାଇକ୍ ଜବତ ହୋଇଛି। ଚଢାଉରେ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ବନପାଳ ରାଜେଶ ସେଠୀ, ମୁରଲୀଧର ଅନଗୁଳିଆ, ମୋହନ ଗୁଡିଆ, ହୃଷୀକେଶ ପାଣିଗ୍ରାହୀ, ବନରକ୍ଷୀ ଅର୍ଜୁନ ବଟେଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

# ସରକାରଙ୍କୁ ଟାର୍ଗେଟ୍ ମଗାଯିବ: ଜିଲାପାଳ

**କୋରାପୁଟ ଜିଲାରେ ଧାନକିଣା**

କୋରାପୁଟ,୭।୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଧାନ କିଣା ନେଇ ଗୁରୁବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଏକ ମସୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଖରିଫ ଧାନ କିଣା ନେଇ ଆଲୋଚନା କରାଯିବା ସହିତ ଚାଷୀମାନେ ଯେପରି ବିନା ବାଧାବିଘ୍ନରେ ସେମାନଙ୍କ ଧାନ ବିକିପାରିବେ ସେ ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଯେଉଁ ଚାଷୀ ଟୋକନ ପାଇଛନ୍ତି ସେମାନେ ସେମାନଙ୍କ ପାଖରେ ଅମଳ ହୋଇଥିବା ଏଫଏକ୍ୟୁ ମାନର ଧାନ ଧାନବିକ୍ରୟ କେନ୍ଦ୍ରରେ ୧୫ ଦିନ ପାଇଁ ଗଚ୍ଛିତ ରଖିବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଥିଲା । ପରେ ଜିଲା ପ୍ରଶାସନର ଅଧିକାରୀମାନେ ସେଠାକୁ ଯାଇ ଅନୁଧାନ କରିବେ । ଏହାକୁ ନେଇ ସରକାରଙ୍କୁ ଟାର୍ଗେଟ ମଗାଯିବ । ଏହି ଟାର୍ଗେଟ ଆସିବା ପରେ ଧାନ କିଣାହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏସମ୍ପର୍କରେ ଚାଷୀଙ୍କୁ ଜଣାଇବା ପାଇଁ କୋରାପୁଟ ଓ ଜୟପୁର ଉପଜିଲାପାଳଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ହେମକାନ୍ତ ସଏ, ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସିମାଞ୍ଚଳ ମହାପାତ୍ର, ଡିଆରସିଏସ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଡାକ୍ତରଖାନା ଆଗରେ ଠିକା କର୍ମଚାରୀଙ୍କ ଧାରଣା

**କୋଭିଡ୍ ପ୍ରୋତ୍ସାହନ ରାଶି, ନିୟମିତ ଦରମା ଦାବି**

ନବରଙ୍ଗପୁର, ୭।୧(ବି.ପ୍ର.)


ଧାରଣାରେ ବସିଥିବା ଠିକା କର୍ମଚାରୀମାନେ।

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀ ବକେୟା ଦରମା, କୋଭିଡ୍ ପ୍ରୋତ୍ସାହନ ରାଶି ଓ ନିୟମିତ ଦରମା ଦାବିରେ ଡାକ୍ତରଖାନା ଆଗରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କର୍ମଚାରୀଙ୍କ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ଜିଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା କର୍ମୀ, ସଫେଇ କର୍ମଚାରୀ, ଲଣ୍ଡ୍ରି ଆଦିରେ ପ୍ରାୟ ୯୦ ଯୁବତୀଯୁବକ ବିଭିନ୍ନ ଏଜେନ୍ସି ମାଧ୍ୟମରେ କାମ କରୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ଏଜେନ୍ସି ପକ୍ଷରୁ ନିଯୁକ୍ତି ପତ୍ର ଦିଆଯାଇନାହିଁ। ସେହିଭଳି ମାସିକ କେତେ ଟଙ୍କା ପାରିଶ୍ରମିକ ପାଇବେ ତାହା ମଧ ଏଜେନ୍ସି ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏଥିସହ ସେମାନଙ୍କୁ କୋଭିଡ୍ ପ୍ରୋତ୍ସାହନ ରାଶି ଏବଂ ନିୟମିତ ଦରମା ମଧ ମିଳୁନି। ପ୍ରତି ମାସରେ ୬ରୁ ୭ ହଜାର ପର୍ଯ୍ୟନ୍ତ ଦରମା ଦିଆଯାଉଛି। ଏଣୁ ନିଜର ପ୍ରକୃତ ଦରମା କେତେ ତାହା ଜାଣି ନ ଥିବା ଧାରଣାରେ ବସିଥିବା କର୍ମଚାରୀ କହିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନି। ତେଣୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣା ଦେଇଥିବା ଠିକା କର୍ମଚାରୀମାନେ କହିଛନ୍ତି। ଅନ୍ୟ ପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓ ସୁଶାନ୍ତ କୁମାର ବେହେରାଙ୍କୁ ପଚାରିବାରୁ, ଠିକା କର୍ମଚାରୀଙ୍କ କୋଭିଡ୍ ପ୍ରୋତ୍ସାହନ ରାଶି ପ୍ରଶାସନ ପକ୍ଷରୁ ଏଜେନ୍ସିକୁ ଦିଆଯାଇଛି। ଅନ୍ୟ ଦାବିଗୁଡିକ ସମ୍ପର୍କରେ ଆଲୋଚନା କରାଯିବ। ଯଥା ଶୀଘ୍ର ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି । ଏଥିସହ ଯଦି ଏଜେନ୍ସିଗୁଡିକ ସେମାନଙ୍କ ପ୍ରାପ୍ୟ ଠିକ୍ ଭାବରେ ଦେଉ ନ ଥାନ୍ତି ତା'ହେଲେ ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ନିଯୁକ୍ତି ନେଇ ଚୟନ ଶିବିର

ଚିତ୍ରକୋଣ୍ଡା,(ଡି.ଏନ.ଏ.)- ମାଲକାନଗିରି ଜିଲା ନିଯୋଜନ କାର୍ଯ୍ୟାଳୟ ଏବଂ କାମ୍ପିଶନ ସିକ୍ୟୁରିଟି ସଂସ୍ଥା ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ବେକାର ଯୁବତୀଯୁବକଙ୍କ ନିଯୁକ୍ତି ପାଇଁ ଏକ ଚୟନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଯୁବତୀଯୁବକଙ୍କୁ ରାଜ୍ୟ ବାହାରେ ସିକ୍ୟୁରିଟି ଗାର୍ଡ ରୂପେ ନିଯୁକ୍ତି ପ୍ରଦାନ କରାଯିବ। ୧୮ରୁ ୩୬ ବର୍ଷ ମଧ୍ୟରେ ଏବଂ ଅଷ୍ଟମ ପାସ କରିଥିବା ଯୁବତୀ ଯୁବକ ଚୟନରେ ସାମିଲ ହୋଇଥିଲେ। ଏଥିରେ ବ୍ଲକର ୧୮ଟି ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ୫୦ରୁ ଅଧିକ ମନୋନୀତ ହୋଇଥିବା ଜଣାପଡ଼ିଛି। ଏମାନେ ମାଲକାନଗିରିଠାରେ ୩ମାସ ଟ୍ରେନିଂ ନେବାପରେ ସେମାନଙ୍କୁ ହାଇଦ୍ରାବାଦର ବିଭିନ୍ନ ସ୍ଥାନରେ ନିଯୁକ୍ତି କରାଯିବ। ତେବେ ମନୋନୀତ ଯୁବତୀଯୁବକଙ୍କୁ ୬୫୦୦ଟଙ୍କା ଅଗ୍ରୀମ ଆକାରରେ ବାନ୍ଧିବାକୁ କୁହାଯିବାରୁ ଏନେଇ କିଛି ସମୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷ ସମୟ ପର୍ଯ୍ୟନ୍ତ ଅଗ୍ରିମ ରାଶି ଉପରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା।

## ସଂକ୍ଷେପରେ

### ତାଲିମ ପାଇଁ ଭୁବନେଶ୍ୱର ଗଲେ ଛାତ୍ରୀଛାତ୍ର

କୋରାପୁଟ,୭।୧(ସ୍ୱ.ପ୍ର) -କୋରାପୁଟ ଜିଲାର ବିଭିନ୍ନ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ୮୦ ଜଣ ଛାତ୍ରୀଛାତ୍ର ନିଜର ଦକ୍ଷତା ବୃଦ୍ଧି ତାଲିମ ସହିତ ନିଯୁକ୍ତି ନେଇ ଗୁରୁବାର ଭୁବେନେଶ୍ୱର ଯାତ୍ରା କରିଛନ୍ତି। ଡିଏମଏଫ ୨୦୧୯-୨୦ ଆର୍ଥିକ ବର୍ଷରେ କୋରାପୁଟ ଜିଲାର ଖଣି ପ୍ରଭାବିତ ଏହି ଛାତ୍ରୀଛାତ୍ରମାନେ ଯାଉଥିବା ବସକୁ ଜିଲାପାଳ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। କୋରାପୁଟ ଜିଲାରୁ ପର୍ଯ୍ୟାୟକ୍ରମେ ୨୪୦ ଜଣ ଛାତ୍ରୀଛାତ୍ରଙ୍କୁ ସିଆଇପିଟି ପକ୍ଷରୁ ତାଲିମ ପ୍ରଦାନ କରାଯିବାର ଲକ୍ଷ୍ୟ ରହଛି। ଏହି ତାଲିମପାଇଁ ୨୦୧୯-୨୦ ଜିଲା ମିନରାଲ ପାଣ୍ଠିରୁ ୧ କୋଟି ୮୪ ଲକ୍ଷ ପ୍ରଦାନ କରାଯିବା ପାଇଁ ଅନୁମୋଦନ ହୋଇଛି। ପିଡି ପ୍ରବୀର କୁମାର ନାୟକ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ,୬ ଗିରଫ

କାଲିମେଲା,୭।୧(ଡି.ଏନ.ଏ.)- ମାଲାକନଗିରି ଜିଲା କାଲିମେଲା ପୋଲିସ ଗଞ୍ଜେଇ ଚୋରାଚାଲାଣକାରୀ ରାକେଟ ଉପରେ ଚଢ଼ାଉ କରି ୪୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁରଜ ଝାଙ୍କର କହିଛନ୍ତି। ଏସ୍ଆଇ ପଞ୍ଚାନନ ବେହେରାଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ କାଲିମେଲା-ପୋଟେରୁ ଜାତୀୟ ରାଜପଥରେ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତମାନଙ୍କୁ ଦେଖି ସନ୍ଦେହ ହୋଇଥିଲା।ସେମାନଙ୍କ ନିକଟରେ ଥିବା ବ୍ୟାଗରେ କଣ ଅଛି ବୋଲି ପଚାରବାରୁ ବ୍ୟାଗରେ ଗଞ୍ଜେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ସେଗୁଡିକ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ସେମାନଙ୍କ ଅନ୍ୟ ୨ ଜଣ ସାଥୀ ମାଲକାନଗିରି ସହରର ଏକ ହୋଟେଲରେ ଥିବା ସୂଚନା ପାଇ ପୋଲିସ ମାଲକାନଗିରିସ୍ଥିତ ସମ୍ପୃକ୍ତ ହୋଟେଲରୁ ଦିଲ୍ଲୀ ଅଞ୍ଚଳର ଅନ୍ୟ ୨ ଜଣ ଙ୍କୁ ଗିରଫ କରିଛି

### ଜାତୀୟ ସ୍ତରୀୟ କ୍ରୀଡ଼ାରେ ରାୟଗଡ଼ାର ୩ ଛାତ୍ରୀଙ୍କ ସଫଳତା

ରାୟଗଡ଼ା ଅଫିସ,୭।୧- ରାୟଗଡ଼ା ମହିଳା ମହାବିଦ୍ୟାଳୟର ୩ ଛାତ୍ରୀ ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ସେମାନେ ହେଲେ ବ୍ୟାଡ୍‌ମିଣ୍ଟନ ଖେଳାଳୀ ପ୍ରିୟଙ୍କା ଆଚାର୍ଯ୍ୟ, ସନତି ପ୍ରଧାନ, ଟେବୁଲ ଟେନିସ୍ ଖେଳାଳି ପ୍ରିନ୍ସ ସେଠୀ। ପ୍ରିୟଙ୍କା ଅଟଳ ବିହାରୀ ବାଜାପେୟୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରିତିଯୋଗିତାରେ ଭାଗ ନେଇଥିଲେ। ସେହିପରି ସନତି ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ପ୍ରିନ୍ସ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିପୂର୍ବରୁ ଆନ୍ତଃ କଲେଜ ପ୍ରତିଯୋଗିତାରେ ଏମାନେ ଚାମ୍ପିୟନ ହୋଇ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଗୁରୁବାର ୩ ଛାତ୍ରୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏ ନେଇ ରାୟଗଡ଼ା ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

### ୨ଖବରଦାତା ଗିରଫ

ମାଲକାନଗିରି,୭।୧ (ଡି.ଏନ୍.ଏ.)- ମାଲକାନଗିରି ପୋଲିସ ଗୁରୁବାର ୨ଜଣ ଖବରଦାତାଙ୍କୁ ଗିରଫ କରି କୋର୍ଟଚାଲାଣ କରଛି। ଅନ୍ୟଜଣେ ଫେରାର ଅଛନ୍ତି। ଆଇଆଇସି ରାମପ୍ରସାଦ ନାଗଙ୍କ ସୂଚନା ଅନୁଯାୟୀ ପ୍ରିୟ ରଞ୍ଜନ ପଣ୍ଡା, ଧନଞ୍ଜୟ ଟିକାଦାର ଏବଂ ଶମ୍ଭୁ ସ୍ୱାଇଁ ଏହି ତିନିଜଣ ଶିଖପାଲୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ କ୍ରାଇମ୍ ବିଭାଗର ପୋଲିସ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କୁ ଧମକଚମକ ଦେଉଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗ କରିବା ପରେ ଏହାକୁ ଭିତ୍ତି କରି ତଦନ୍ତ ହୋଇଥିଲା। ଟିକାଦାର ଓ ପଣ୍ଡାଙ୍କୁ ଗିରଫ କରାଯାଇଥିବା ବେଳେ ସ୍ୱାଇଁ ଫେରାର ହୋଇଯାଇଥିବା ନାଗ କହିଛନ୍ତି। କେସ୍ ନଂ ୭/୨୧ରେ ମାମଲା ରୁଜୁ ହୋଇଛି।

### ଭାଗବତ ପ୍ରବଚନ ଉଦ୍‌ଯାପିତ

ଗୁଣପୁର,୭।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପର ବ୍ଲକ୍ ଟିଟିମିରିଠାରେ ଶ୍ରୀକୃଷ୍ଣ ବାଲ୍ୟଲୀଳା ଏବଂ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ସହ ନଗର ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୁରୀରୁ ଆସିଥିବା ବ୍ୟାସଶ୍ରୀ ରସରାଜ ଦାସ ମହାରାଜ ପ୍ରବଚନ ଦେଉଥିଲେ। ଏଥିରେ ଗୌରାଙ୍ଗ ଚରଣ ସାହୁ, ତ୍ରିନାଥ, ବଡ଼ ଶବର, ବନମାଳି ଶବର ସହଯୋଗ କରିଥିଲେ।

# ଉଭୟ ରାଜ୍ୟ ସୀମାନ୍ତବାସୀଙ୍କୁ ନେଇ ବୈଠକ ବିଫଳ

**ଆନ୍ଧ୍ର-ଓଡ଼ିଶା ସୀମା ବିବାଦ**

- ଗଠନ ହୋଇ ପାରିଲାନାହିଁ ଶାନ୍ତି କମିଟି
- ଆମ୍ବଗଛଠାରୁ ସୀମା ଚିହ୍ନଟ ପାଇଁ ଅଡି ବସିଲେ
- ଜିଲା ପ୍ରଶାସନକୁ ଅବଗତ କରାଯିବ: ତହସିଲଦାର

ପଟ୍ଟାଙ୍ଗୀ,୭।୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ ସମ୍ବାଇ ପଞ୍ଚାୟତର ସୁନାବେଡା ଓ ଜାମୁଗୁଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ସୀମାନ୍ତ ୫ଟି ଗ୍ରାମ ବିଚ୍ଛୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା ଓ ନିଟାଆମ୍ବ ଗ୍ରାମବାସୀଙ୍କୁ ନେଇ ବିବାଦ ଜାରି ରହିଛି। ଦୁଇ ରାଜ୍ୟର ଜିଲା ପ୍ରଶାସନ ସହଯୋଗରେ ପୂର୍ବ ନିଷ୍ପତ୍ତି ମୁତାବକ ଗ୍ରାମବାସୀଙ୍କୁ ନେଇ ବୈଠକ ଏବଂ ଶାନ୍ତି କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ଆନ୍ଧ୍ରର ଡୁମୁରିଗୁଡା ତହସିଲଦାର କେ. ଜୟ ପ୍ରକାଶ, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ, ରେଭିନ୍ୟୁ ସୁପ୍ରଭାଇଜର ରଘୁନାଥ ଖଟେଇ, ରାଜସ୍ୱ ସହାୟକ ଭାସ୍କର ଡାକୁଆ, ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଡା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗି, ରାମ ପାଙ୍ଗି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ତାଉଡୁ ଦୋରା ପ୍ରମୁଖ



ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ପହଞ୍ଚି ସୁନାବେଡା ବିଦ୍ୟାଳୟ ଠାରେ ବୈଠକ କରିଥିଲେ। ଏଥିରେ ସୁନାବେଡା ଓ ଜାମୁଗୁଡା ଦୁଇ ଗ୍ରାମର ଗ୍ରାମବାସୀ ଏବଂ ସୀମାନ୍ତର ଉପରୋକ୍ତ ୫ଟି ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଆମ୍ବଗଛ ନିକଟରେ ଓଡିଶା ଆନ୍ଧ୍ର ସୀମା ଚିହ୍ନଟ କରା ନ ଗଲେ ଆମେ କୌଣସି ଶାନ୍ତି କମିଟିକୁ ସହଯୋଗ କରିବୁ ନାହିଁ ବୋଲି ସୁନାବେଡା ଓ ଜାମୁଗୁଡା ଗ୍ରାମବାସୀ କହିଥିଲେ। ଫଳରେ ଶାନ୍ତି କମିଟି ଗଠନ ହୋଇପାରି ନ ଥିଲା। ଉଭୟ ରାଜ୍ୟର ତହସିଲଦାର ନିରାଶ ହୋଇ ଫେରି ଥିଲେ। ତେବେ ଡୁମୁରିଗୁଡା ତହସିଲଦାର ଜୟ ପ୍ରକାଶ ନିଜ ରାଜ୍ୟର ଗ୍ରାମବାସୀଙ୍କ ମଧ୍ୟରେ ଏକ ପାଞ୍ଚ ଜଣିଆ କମିଟି ଗଠନ କରି ଫେରିଥିବା ଜଣାପଡିଛି । ଏନେଇ ତହସିଲଦାର ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ ଯେ, ସମସ୍ତ ଘଟଣା ଜିଲା ପ୍ରଶାସନକୁ ଅବଗତ କରାଯିବ। ଜିଲା ପ୍ରଶାସନ ଯାହା ନିର୍ଦ୍ଦେଶ ଦେବେ ପରବର୍ତ୍ତୀ ସମୟରେ ସେପରି କାର୍ଯ୍ୟ ହେବ ବୋଲି ସେ କହିଥିଲେ ।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ନବରଙ୍ଗପୁର,୭।୧(ବି.ପ୍ର.)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ହରିପୁର ରୋଡ କଟକର-୧ର ସଂଘ ଦିବସ ତେନ୍ତୁଳିଖୁଣ୍ଟି ବ୍ଲକ ପ୍ରାଥମିକ ବିଦ୍ୟାଳୟରେ ପାଳନ କରାଯାଇଛି। ବ୍ଲକ ସଭାପତି କ୍ଷେତ୍ରମୋହନ ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ରମଣିରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗ ଦେଇ ପତାକା ଉତୋଳନ କରିଥିଲେ। କଳିଙ୍ଗ ନିର୍ମାଣ ପ୍ରତିଷ୍ଠାତା ଡଃ. ହରେକୃଷ୍ଣ ମହତାବ ଏହି ସଂଘକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। ବିଭିନ୍ନ ବର୍ଗର ଶିକ୍ଷକଙ୍କୁ ଗୋଟିଏ ବ୍ୟାନେର ତଳେ ଏକତ୍ରିତ କରି ସଙ୍ଗଠନକୁ ମଜବୁତ କରାଯିବାକୁ ଅନୁରୋଧ କରାଯାଇଥିଲା। ଉପସଭାପତି ଗୋପିନାଥ ମହାନ୍ତି, ନନ୍ଦାହାଣ୍ଡି ବ୍ଲକ ସଭାପତି ସରେଜବାଳା ମିଶ୍ର, ସୁଶିଳା ରଥ, ଲକ୍ଷବନ୍ଧ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନବରଙ୍ଗପୁର ଗୁଣ୍ଡିଚା ମନ୍ଦିର ପରିସରରେ ସଙ୍ଘ ଦିବସ ପାଳିତ ହୋଇ ଯାଇଛି। ନବରଙ୍ଗପୁର ବ୍ଲକ ସଭାପତି ବସନ୍ତ କୁମାର ବେନ୍ୟା ସଙ୍ଘୀୟ ପତାକା ଉତୋଳନ କରିଥିଲେ। ବ୍ଲକ ସଙ୍ଗଠନ ଉପସଭାପତି ଭବାନୀ ମହାପାତ୍ର, ଗୌର ହରିଜନ, ଦେବେନ୍ଦ୍ର ମିଶ୍ର,ଭୂବନ ହରିଜନ, ରବୀନ୍ଦ୍ର ବେହେରାଙ୍କ ସମେତ ବହୁ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ଥିଲେ।



ତେନ୍ତୁଳିଖୁଣ୍ଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଅଧିକାରୀ, ଲୋକ ପ୍ରତିନିଧି

ଉମରକୋଟ/ଝରିଗାଁ, ୭।୧(ସ୍ୱ.ପ୍ର.)

ଜିଲା ଭିଜିଲାନ୍ସ ମନିଟରିଂ କମିଟି ଓ 'ଦିଶା' କମିଟିସଦସ୍ୟମାନେ ଗୁରୁବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ର, ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି ପ୍ରମୁଖ ସେମାନଙ୍କ ସହ ଗସ୍ତ କରିଥିଲେ।

ଅଧିକାରୀ ଓ ଲୋକ ପ୍ରତିନିଧିମାନେ ପ୍ରଥମେ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଜିଲାପାଳ ରୋଗୀ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୬ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନଥିବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକରୀ ଜଣାଇଥିଲେ। ପୂଜାରୀଗୁଡା- ଭାମିନି ରାସ୍ତା କାମ ନିମ୍ନମାନର ହୋଇଥିବା ଦେଖି ତାକୁ ତୁରନ୍ତ ମରାମତି କରିବାପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ଦୁଇ ପାଖରେ କରାଯାଇଥିବା ବନୀକରଣ କାର୍ଯ୍ୟ ଠିକ ଭାବରେ ପରିଚାଳନା ହେଉନଥିବା ଦେଖି ଜିଲାପାଳ ଓ ଏମ୍‌ପି କ୍ଷୋଭ ପ୍ରକାଶ କରିବା ସହଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ବନଖଣ୍ଡ ଅଧିକାରୀଙ୍କୁ କହିଥିଲେ। ପରେ ଉମରକୋଟ ଡାକ୍ତରଖାନାରେ ଚାଲିଥିବା ଉନ୍ନୟନ କାମ ତଦାରଖ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଗସ୍ତ କରି ଚାଷୀଙ୍କୁ ବିଭିନ୍ନ ପ୍ରକାର ବିହନ ଠିକ୍‌ଭାବେ ଯୋଗାଇ ଦିଆଯାଉଛି କି ନାହିଁ ପଚାରି ବୁଝିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲୁଥିବା ବିଜୁ ସେତୁ ଯୋଜନା କାର୍ଯ୍ୟ ବିଳମ୍ବ କୁ ନେଇ ବିରକ୍ତ ପ୍ରକାଶ କରିବା ସହ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଭଣ୍ଡାରୀଗୁଡା ପଞ୍ଚାୟତ ଅଧୀନସ୍ଥ ପୋଡ଼ାଗଡ ଯାଇ ତାହାର ବିକାଶ ପାଇଁ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ଉମରକୋଟ ବ୍ଲକ ଅଧିକାରୀ ଦେବୀ ପ୍ରସାଦ ଟାଲୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ଅଧିକାରୀମାନେ ଝରିଗାଁ ବ୍ଲକ ସାଇଧାର ଜଳ ପ୍ରପାତକୁ ଯାଇଥିଲେ। ଏହାର ଉନ୍ନତୀକରଣ କରିବାକୁ କୁହାଯାଇଛି।



ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ତଦାରଖ କରୁଛନ୍ତି।

# ଅଗ୍ନିକାଣ୍ଡରେ ୨ ବଖରା ଘର ଜଳିଗଲା

ଗୁଣପୁର,୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ଆମ୍ବଗୁଡ଼ାଠାରେ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳ ଘର ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ କାଲମରିଓ୍ୱା ତାରାମରାଜୁଙ୍କ ଘର ନଷ୍ଟ ହୋଇଥିବା ଜଣାପଡ଼ିଛି। ସେ ୮ବର୍ଷ ହେଲା ଆନ୍ଧ୍ର ପ୍ରଦେଶରୁ ଆସି ଏଠାରେ ଚାଳ ଘରେ ରହି କପା କାମ କରୁଥିଲେ। ଅଗ୍ନିକାଣ୍ଡ ଯୋଗୁ ଗ୍ୟାସ୍ ସିଲିଣ୍ଡର ଫାଟିଯାଇଛି। ସେହିପରି କପା ଔଷଧ ସିଞ୍ଚନ ସ୍ପ୍ରେ ମେଶିନ ଏବଂ ଅନ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି।

# ଗୋ ଚାଲାଣ ବେଳେ ୧୨୩ ଗୋରୁ ଉଦ୍ଧାର



ମାଲକାନଗିରି,୭।୧(ସ୍ୱ.ପ୍ର.)

ମାଲକାନଗିରି ଜିଲାରୁ ପଡୋଶୀ ଆନ୍ଧ୍ରକୁ ଚାଲାଣ ବେଳେ ମାଲକାନଗିରି ପୋଲିସ ଚଢାଉ କରି ୧୨୩ଟି ଗୋରୁଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କୁ ଏମ୍‌ଭି-୭ସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରଖାଯାଇଛି। ଘଟଣା ସ୍ଥଳରୁ ୧୩ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରି ପୋଲିସ ସେମାନଙ୍କୁ ପରେ ଛାଡି ଦେଇଛି। ଏସଡିପିଓ ଅଭିଲାଶ ଜି.ଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ।

# ପୋଷ୍ଟର ଚିରିବା ବିରୋଧରେ ବିଏସ୍‌ପି ପକ୍ଷରୁ ଏତଲା

ବିଷମକଟକ,୭।୧

ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ତରଫରୁ ନବ ବର୍ଷ ଉପଲକ୍ଷେ ଲାଗିଥିବା ଶୁଭେଚ୍ଛା ବାର୍ତ୍ତାର ବ୍ୟାନରଗୁଡ଼ିକୁ ଚିରି ଫୋପାଡ଼ିବାକୁ ବିରୋଧ କରି ପାର୍ଟି ପକ୍ଷରୁ ବିଷମକଟକ ଥାନାରେ ଏତଲା ଦିଆଯାଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀଠାରେ ବିଏସ୍‌ପି ପକ୍ଷରୁ ବ୍ୟାନର ଏବଂ ବ୍ୟାନର ଲଗାଯାଇଥିଲା। ତେବେ ଉକ୍ତ ବ୍ୟାନର୍ ଏବଂ ପୋଷ୍ଟରଗୁଡ଼ିକୁ ନଷ୍ଟ କରାଯାଇଥିବାରୁ ବିଏସ୍‌ପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ଜିଲା ବିଏସ୍‌ପି ସଭାପତି ଜିତୁ ଜାକାଶିକାଙ୍କ ତୀବ୍ର ନିନ୍ଦା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଷମକଟକ ବ୍ଲକ୍ ବିଏସ୍‌ପି ସଭାପତି ଶିବ ପ୍ରାସ୍କାଙ୍କ ନେତୃତ୍ୱରେ କର୍ମକର୍ତ୍ତା ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପାର୍ଟି ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ପାର୍ଟିର ବହୁ କର୍ମୀ ଉପସ୍ଥିତ ଥିଲେ।

# ଶହେ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ଲମତାପୁଟ,୭।୧(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ମାହାଡା ଗ୍ରାମରେ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସର ମିଳିତ ସହାୟତାରେ ପାଲମ ଓ ମାହାଡା ଅଞ୍ଚଳରେ ବେଆଇନ୍ ଭାବେ ଚାଷ କରାଯାଇଥିବା ଶହେ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହାର ପରିମାଣ ୧୨ କୋଟି ଟଙ୍କା ହେବ। ଆଗକୁ ମଧ ଏହି ଅଭିଯାନ ଜାରି ରହିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି। ମାହାଡା ଅଞ୍ଚଳ ମାଓ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ବୋମ ସ୍କ୍ୱାର୍ଡକୁ ମଧ ସାମିଲ କରାଯାଇଥିଲା । ଏହି ଗ୍ରୀନ୍ କ୍ଲିନ୍ ଅଭିଯାନରେ ଏସ୍‌ଡିପିଓଙ୍କ ସହ ମାଛକୁଣ୍ଡ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକ ସାମିଲ ହୋଇଥିଲେ।

# ଠକିଦେଲେ ମାଲିକ, ସପରିବାର ୫୦ କି.ମି. ଚାଲିଲେ ପ୍ରଦୀପ୍ତ

**ମାନବିକତା ଦେଖାଇଲେ ପିଇଓ, ମାଥିଲି ମେଡିକାଲ ଇନ୍‌ଚାର୍ଜ**

ନବରଙ୍ଗପୁର, ୭।୧(ବି.ପ୍ର.)

ପେଟ ପାଇଁ ଛାଡିଥିଲେ ଭିଟାମାଟି। ଭଲ ପାରିଶ୍ରମିକ ଦେବି କହି ମାଲକାନଗିରି ଜିଲାର ଏକ ଇଟାଭାଟି ମାଲିକ ଭାଡିରେ କାମ ଦେଇଥିଲେ। କିନ୍ତୁ ମାସ ଶେଷକୁ ଟଙ୍କା ଦେଲେନି। ଏଣେ ଦୁଇଟି ପିଲା ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଘରକୁ ଫେରିବାକୁ ଟଙ୍କା ନ ଥିବାରୁ ରୋଗଗ୍ରସ୍ତ ପିଲାଙ୍କୁ ଧରି ପ୍ରାୟ ୫୦କି.ମି.(ମାଥିଲି ପର୍ଯ୍ୟନ୍ତ) ଚାଲି ଚାଲି ଆସିଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ଗାଁର ପ୍ରଦୀପ୍ତ ହରିଜନ। ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଓ ପଞ୍ଚାୟତ ଅଧିକାରୀ ଘଟଣା ସମ୍ପର୍କରେ ଖବରପାଇ ତାଙ୍କୁ ସହାୟତାର ହାତ ବଢାଇଛନ୍ତି।

ପ୍ରକାଶ ଯେ, ପ୍ରଦୀପ୍ତ ହରିଜନ ଭଲ ପାରିଶ୍ରମିକ ଆଶାରେ ପ୍ରାୟ ମାସେ ତଳେ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଧରି ମାଲକାନଗିରିର ଏକ ଇଟାଭାଟିରେ କାମ କରିବାକୁ ଆସିଥିଲେ। କିନ୍ତୁ ସେଠାରେ ଏକମାସ କାମ କରିବା ପରେ ବି ମାଲିକ ପଇସା ଦେଇ ନ ଥିଲେ। ଏପଟେ ପ୍ରଦୀପ୍ତଙ୍କ ଦୁଇପିଲା ଝାଡାବାନ୍ତିରେ ଆକ୍ରାନ୍ତ ହୋଇପଡିଲେ। ବସ୍ ଭଡା ଲାଗି ଆବଶ୍ୟକ ଟଙ୍କା ଯୋଗାଡ଼ କରି ନ ପାରିବାରୁ ବାଧ ହୋଇ ଦୁଇ ପିଲାଙ୍କୁ ଧରି ଚାଲି ଚାଲି ସମସ୍ତେ ମାଲକାନଗିରିରୁ ବାହାରିଥିଲେ। ୫୦କି.ମି ଚାଲିଚାଲି ମାଥିଲିରେ ପହଞ୍ଚିବା ପରେ ପିଇଓ ଅଶୋକ ମହାରଣା ଘଟଣା ସମ୍ପର୍କରେ ଅବଗତ ହୋଇ ତାଙ୍କୁ ରହିବା ଲାଗି ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ଦେଇଥିଲେ। ମେଡିକାଲ ଇନଚାର୍ଜ ଅମିୟ କୁମାର ସ୍ୱାଇଁ ଏ ସମ୍ପର୍କରେ ଜାଣି ଏକ ଟିମ୍ ସହ ସେଠାରେ ପହଞ୍ଚି ସେମାନଙ୍କ ଚିକିତ୍ସା କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର ସ୍ୱାଇଁ କହିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ସେମାନଙ୍କୁ ଘରକୁ ପଠାଯିବ ବୋଲି ପିଇଓ ମହାରଣା ସୂଚନା ଦେଇଛନ୍ତି।

# ୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ,୭।୧(ସ୍ୱ.ପ୍ର.)

କୋରାପୁଟ ଟାଉନଥାନା ପୋଲିସ ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ନିକଟରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ଜଣକୁ ଗିରଫ କରିଛି। ତାଙ୍କ ନିକଟରୁ ୨୦ କେଜି ଗଞ୍ଜେଇ ଜବତ ହୋଇଛି। ବୁଧବାର ବିଳମ୍ବିତ ରାତ୍ରିରେ ବିହାର ଅଞ୍ଚଳର ଗୁଡୁ କୁମାର ୨ଟି ବସ୍ତାରେ ବାନ୍ଧି ଗଞ୍ଜେଇ ଚାଲାଣ ବେଳେ ଗିରଫ ହୋଇଥିଲେ। ତାଙ୍କୁ କେସ୍ ନଂ. ୫/୨୧ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

# ସିଏସଓ ଅଫିସ ଘେରିଲେ ଚାଷୀ

ଜୟପୁର,୭।୧(ନି.ପ୍ର.)



ସିଏସ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଚାଷୀ।

ମଣ୍ଡିରୁ ଧାନ ନ ଉଠିବା ନେଇ ଗୁରୁବାର ଜୟପୁର ବ୍ଲକ ବଡଜିଉନା ଅଞ୍ଚଳର ଚାଷୀ ମାନେ ସନ୍ଧ୍ୟାରେ ସିଏସଓଙ୍କ ଅଫିସ ଘେରାଉ କରିଛନ୍ତି। ବୁଧବାର ଓ ଗୁରୁବାର ବଡଜିଉନାରେ ମଣ୍ଡି ଥିଲା। ସିଏସଓଙ୍କୁ ସାକ୍ଷାତ କରିବାରୁ ସବୁ ଚାଷୀ ମଣ୍ଡିକୁ ଧାନ ଆଣି ରଖିବା ପରେ ଗୁରୁବାର ମଣ୍ଡିରୁ ଧାନ ଉଠାଯିବ ବୋଲି କହିଥିଲେ। ଆଜି ସମସ୍ତ ଚାଷୀ ମଣ୍ଡିରେ ଧାନ ଆଣି ରଖିଥିଲେ ମଧ ସିଏସଓ କିମ୍ବା କେଣସି ଧାନ କ୍ରୟକାରୀ ସଂସ୍ଥାର କେହି ଆସି ନ ଥିଲେ। ସିଏସଓ କୋରାପୁଟ ଗସ୍ତରେ ଯାଇଥିବାରୁ ତାଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ସେ ଫୋନ ମାଧ୍ୟମରେ ୧୫ ତାରିଖି ପରେ ଟାର୍ଗେଟ ଆସିଲେ ଆମେ ଧାନ ଉଠାଇବୁ ବୋଲି କହିଥିଲେ। ଧାନ ଉଠାଇବାକୁ ଆହୁରି ପାଖାପାଖି ୮/୧୦ ଦିନ ରହିଛି। ଏହି ସମୟ ମଧ୍ୟରେ ମଣ୍ଡିରୁ ଧାନ ଚୋରି ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଏହାର ପ୍ରତିବାଦରେ ସେମାନେ ସନ୍ଧ୍ୟାରେ ସିଏସଓଙ୍କ ଅଫିସ ଘେରାଉ କରିଥିଲେ। ଏହି ସମୟରେ ସଭାପତି କୃତ୍ତିବାସ ନାୟକ, ଯୋଗୀରାମ, କୃଷ୍ଣ ସାହୁ, ଦେବାଶିଷ ସାହୁ, ଆଗାଧୁ ହରିଜନ, ସୁଦର୍ଶନ ପ୍ରଧାନ, ଚନ୍ଦ୍ର ଶେଖର ପାଢୀ, ପୁରୁଷୋତ୍ତମ ସାହୁ, ଦେବ ମାଝି, ଶିବ ମାଝି, ରଘୁନାଥ ସାହୁଙ୍କ ସମେତ ୬୦ଜଣ ଚାଷୀ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ତାରା, ଅଧିରାଜ

**କଂଗ୍ରେସ କର୍ମୀ ସମ୍ମିଳନୀ**

କୁନ୍ଦୁରା,୭।୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ୍ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ପର୍ଯ୍ୟବେକ୍ଷକ ରୂପେ ଖରିଆ ବିଧାୟକ ଅଧିରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। ତାଙ୍କ ସହ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, କୁଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ଏବଂ ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ସାନ୍ତ୍ରା ଉପସ୍ଥିତ ଥିଲେ। ତ୍ରିପତି ଗୁରୁଙ୍କ ପରଲୋକ ପରେ କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ପଦ ଖାଲି ପଡ଼ିଛି। ସଭାପତି ପଦ ପାଇଁ ଗୋକୁଳ ପଟ୍ଟନାୟକଙ୍କ ନାମ ପିସିସିକୁ ପଠାଯିବ ବୋଲି ପର୍ଯ୍ୟବେକ୍ଷକ କହିଛନ୍ତି। କଂଗ୍ରେସରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବାହିନୀପତି ଓ ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷ ଦୀର୍ଘ ବର୍ଷର ଶାସନ କାଳରେ କେବଳ ମଦ ଭାଟି ବଢାଇବା ସହ ନାରୀଙ୍କୁ ଅସମ୍ମାନ କରିଛନ୍ତି ବୋଲି ଉଭୟେ ଅଭିଯୋଗ କରିଥିଲେ।

# କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ କର୍ମଶାଳା

ନବରଙ୍ଗପୁର,୭।୧(ବି.ପ୍ର.)

ନବରଙ୍ଗପୁରସ୍ଥିତ କୋଣାର୍କ ଆଇ.ଟି.ଆଇ ପରିସରରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ରାୟଗଡା ଶାଖା ପକ୍ଷରୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ କର୍ମଶାଳା କରାଯାଇଛି। ଏଥିରେ ୨୫ ଜଣ ଯୁବକଙ୍କୁ ୱେଲଡିଙ୍ଗ୍ ଶିକ୍ଷା ଉପରେ ତାଲିମ ଦିଆଯାଇଛି। ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଉପରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଏ. ବାଣେଶ୍ୱର ରାଓ ସୁବୁଦ୍ଧି ଗୁରୁତ୍ୱାରୋପ କରିଥିଲେ। ଦକ୍ଷତା ବୃଦ୍ଧି କଲେ ଆଗକୁ କିଭଳି ତହା କାର୍ଯ୍ୟରେ ଲାଗିବ ଓ ଯବକମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ ସେ ନେଇ ଏମ୍‌ଏସ୍‌ଏମ୍‌ଇ ସହକାରୀ ନିର୍ଦ୍ଦେଶକ ଏନ.କେ. ରତ୍ନମ୍ ମତ ଦେଇଥିଲେ। ବ୍ୟାଙ୍କରୁ ଋଣ ନେଇ କିପରି କାର୍ଯ୍ୟରେ ଲଗାଇ ପାରିବେ ସେ ନେଇ ଶିଳ୍ପ ବିକାଶ ଅଧିକାରୀ ଗୌରବ ସେନାପତି ମାର୍ଗଦର୍ଶନ କରିଥିଲେ।ଏଭଳି କର୍ମଶାଳା ଦ୍ୱାରା ବେକାର ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ପାଇଁ ସୁଯୋଗ ମିଳୁଛି ବୋଲି କୋଣାର୍କ ଆଇଟିଆଇ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଥିଲେ। ଏହି କର୍ମଶାଳାରେ ତାଲିମ କେନ୍ଦ୍ର ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ଏମ୍‌ଏସ୍‌ଏମ୍‌ଇ ଶାଖାର କେ.ଏବର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

କୋରାପୁଟ,୭।୧(ସ୍ୱ.ପ୍ର.)

ଓଡିଶା ମିଲେଟ ମିଶନ, କୋରାପୁଟର ପ୍ରଗତି ଅନୁଷ୍ଠାନ, ଜୈବିକ ଶ୍ରୀକୃଷକ ଉତ୍ପାଦକ କମ୍ପାନୀ, ଟିଡିସିସି ପକ୍ଷରୁ ମିଳିତଭାବେ ଗୁରୁବାର ଜିଲାରେ ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ନନ୍ଦପୁର ବ୍ଲକର ରାଇସିଂ ପଞ୍ଚାୟତର ହାଟପଦାଠାରେ ଏହି ମଣ୍ଡିର ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ ରାଇସିଂ, ଭେଜା, କସନ୍ଦି ପଞ୍ଚାୟତ ଅଞ୍ଚଳରୁ ୫୦୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିରସାନି ଓ ଜିଲାପାଳ ମଧୁସୂଦନ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ୱାସନର ଜିଲା ସଂଯୋଜକ ମିଲେଟ ମିଶନର କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ଜିଲା





ମଣ୍ଡି ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପରିଷଦ ଅଧ୍ୟକ୍ଷା କିରସାନି ମାଣ୍ଡିଆର ପୌଷ୍ଟିକ ଦିଗ ଉପରେ ଆଲୋଚନା କରି ଚାଷୀ ଅଧିକ ପରିମାଣରେ ମାଣ୍ଡିଆ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ମାଣ୍ଡିଆ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଉପଯୋଗୀ। ଜିଲା ପ୍ରଶାସନ ପକ୍ଷରୁ ଅଧିକ ପରିମାଣରେ ମାଣ୍ଡିଆ କ୍ରୟ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ କହିଥିଲେ। ଚଳିତ ବର୍ଷ କୋରାପୁଟ ଜିଲାରେ ମିଲେଟ ମିଶନ ମାଧ୍ୟମରେ ୭୨ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଜିଲା ମୁଖ୍ୟ କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ, ଟିଡିସିସି ଶାଖା ପରିଚାଳକ ଗଙ୍ଗାଧର ମହାନ୍ତି, ଆରଏମସି ସମ୍ପାଦକଙ୍କ ପ୍ରତିନିଧି ଅରୁଣ କୁମାର ଜେନା, ଡିଆରସିଏସ ଜୟପୁର ଓ ରାଇସିଂ ସରପଞ୍ଚ ଉପସ୍ଥିତ ଥିଲେ । ପ୍ରଗତି ସହାୟତାରେ ନନ୍ଦପୁର ବ୍ଲକରେ ମାଣ୍ଡିଆ ଚାଷର ପ୍ରସାର ଲାଗି ପ୍ରକଳ୍ପ କାର୍ଯ୍ୟ କରୁଛି। ଚଳିତ ଖରିଫ ଋତୁରେ ବ୍ଲକରେ ୫୩୩୮ଜଣ ଚାଷୀଙ୍କୁ ଶ୍ରୀ ପ୍ରଣାଳୀରେ ମାଣ୍ଡିଆ ଚାଷ ପାଇଁ ସହାୟତା କରାଯାଇଛି। ଚଳିତ ବର୍ଷ ମାଣ୍ଡିଆ ସଂଗ୍ରହ ଦାୟିତ୍ୱ କୃଷକ ଉତ୍ପାଦକ କମ୍ପାନୀକୁ ପ୍ରଦାନ କରାଯାଇଛି। କମ୍ପାନୀ ନନ୍ଦପୁର ବ୍ଲକରୁ ୧୧ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ ପରିଚାଳନା କରିଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ମସ୍ତି ସହଯୋଗ କରିଥିଲେ ।

